ଆରମ୍ଭ ହେଲା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା, ୫ ବଦଳରେ ୧୦ କେଜି ଚାଉଳ ପାଇବେ

ଉପକୃତ ହେବେ ୨୬ ଲକ୍ଷ ୫୪ ହଜାର ୫୮୦ ହିତାଧିକାରୀ

ବ୍ରହ୍ମପୁର / ଛତ୍ରପୁର (ଅମୃତ ମିଡିଆ): ଆଉ ୫ କିଲୋ ନୁହେଁ, ଅପ୍ରେଲ ୨୦୨୬ ରୁ ମୁଣ୍ଡ ପିଛା ହିତାଧିକାରୀ ପାଇବେ ୧୦ କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣା । ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ରେ ହିତାଧିକାରୀ ପାଇବେ ଏହି ଅତିରିକ୍ତ ୫ କେଜି ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ପାଇବେ । ଖାଦ୍ୟ ସୁରକ୍ଷାର ସୁନିଶ୍ଚିତତା କରିବା ନେଇ ଶୁକ୍ରବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଲୋକାଭିମୁଖୀ ଯୋଜନା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା । ଏହାକୁ ଆଜି ଓଡିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭାରମ୍ଭ କରିଛନ୍ତି । ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀ ଏଣିକି ଅଧିକ ୫ କେଜି ଲେଖାଏ ଚାଉଳ ଅଧିକ ପାଇବେ। ହିତାଧିକାରୀମାନେ ଯେତିକି ଚାଉଳ ବର୍ତ୍ତମାନ ପାଉଛନ୍ତି ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଅତିରିକ୍ତ ୫ କେଜି ଚାଉଳ ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ରାଜ୍ୟରେ ଖାଉଟିଙ୍କୁ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଚାଉଳ ଉପଲବ୍ଧ କରାଇ ଖାଦ୍ୟ ସୁରକ୍ଷାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନା ମାଧ୍ୟମରେ ଏନ୍ଏଫ୍ଏସ୍ଏ ଏବଂ ଏସ୍ଏଫ୍ଏସ୍ଏସ୍ ହିତାଧିକାରୀ ଅତିରିକ୍ତ ଚାଉଳ କୋଟା ଦିଆଯିବ । ଏହି ଯୋଜନା ମାଧ୍ୟମରେ ରାଜ୍ୟର ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ ସିଷ୍ଟମ ଅଧୀନ ସମସ୍ତ ହିତାଧିକାରୀ ପରିବାର ପାଇଁ ସେମାନଙ୍କ ମାସିକ ନିୟମିତ ଧାର୍ଯ୍ୟ ଚାଉଳ କୋଟା ବ୍ୟତୀତ ମୁଣ୍ଡ ପିଛା ୫ କେଜି ଲେଖାଏ ଅତିରିକ୍ତ ଚାଉଳ ମାଗଣାରେ ପାଇବେ। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲ୍ଲାର ୮ ଲକ୍ଷ ୧୮ ହଜାର, ୭୫୯ ପରିବାର ର ୨୬ ଲକ୍ଷ ୫୪ ହଜାର ୫୮୦ ଜଣ ହିତାଧିକାରୀ ଉପକୃତ ହେବେ। ଏହା ସହିତ ଗତ ଅପ୍ରେଲ ମାସ ଠାରୁ ମୁଣ୍ଡ ପିଛା ୧୦ କେଜି ଚାଉଳ ପାଇବେ ହିତାଧିକାରୀ । ଆୟୋଜିତ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧାପ୍ରସାରଣ ଛତ୍ରପୁର ସ୍ଥିତ ଗଞ୍ଜାମ ଜିଲ୍ଲା ପରିଷଦ ର ରୁଷିକୂଲ୍ୟା ସମ୍ମିଳନୀ କକ୍ଷ ଠାରେ ପ୍ରସାରଣ କରାଯାଇଥିଲା । ସେଠାରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ସୋରଡ଼ା ବିଧାୟକ ନୀଳମଣି ବିଷୋୟୀ, ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଆଇଏଏସ ଶିକ୍ଷାନବିଶ ସୁଶ୍ରୀ ସାରନ୍ୟା, ଗଞ୍ଜାମ ଜିଲ୍ଲା ଯୋଗାଣ ଅଧିକାରୀ ପି. କେ. ମହାପାତ୍ର ଙ୍କ ସମେତ ବହୁ ଡିଲର, ହିତାଧିକାରୀ ଓ ବିଭାଗୀୟ ଅଧିକାରୀ ମାନେ ଯୋଗଦେଇ ସିଧା ପ୍ରସାରଣ କୁ ଆଭାସୀ ମାଧ୍ୟମରେ ଦେଖିଥିଲେ ।

ବାଲିଗୁଡା ଏନ୍ଏସିରେ ୧୫ତମ କାଉନ୍ସିଲ ବୈଠକ

ସ୍ୱଚ୍ଛତା,ପରିମଳ ଓ ଉନ୍ନୟନମୂଳକ କାର୍ଯ୍ୟ ସମ୍ପର୍କରେ ଆଲୋଚନା

ବାଲିଗୁଡା (ଅମୃତ ମିଡିଆ): ବାଲିଗୁଡା ବିଜ୍ଞାପିତ ଅଞ୍ଚଳ ପରିଷଦ ସଭାଗୃହ ଠାରେ ପନ୍ଦର ତମ ସ୍ୱତନ୍ତ୍ର କାଉନସିଲ ବୈଠକ ଅନୁଷ୍ଠିତ ହୋଇଛି ।ଏନଏସି ଅଧକ୍ଷ ଗୋବିନ୍ଦ ଚନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଛି ।ଏହି ବୈଠକ ରେ ଅଧକ୍ଷ ସମେତ ଉପାଧକ୍ଷା ଶାନ୍ତି କୁମାରୀ ନାୟକ ବିଧାୟକ ପ୍ରତିନିଧି ଅବନୀ କାନ୍ତ ନାୟକ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ ସମେତ ଦଶ ଜଣ କାଉନସିଲର ଯୋଗ ଦେଇଥିଲେ। ଏନଏସି ଅଧକ୍ଷଙ୍କ ଅନୁମତି କ୍ରମେ ପୂର୍ବ କାଉନସିଲ ବୈଠକ ର ବିବରଣୀ ପାଠ କରିବା ସହିତ ଦୃଢ଼ି କରଣ କରାଯାଇ ଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ବିବେକାନନ୍ଦ ଦଳାଇ କାଉନସିଲ ବୈଠକ ରେ ସମସ୍ତ ଙ୍କୁ ସ୍ୱାଗତ କରିବା ସହିତ ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କ ରେ ଅଭିବ୍ୟକ୍ତ ରଖି ଥିଲେ। ଏହି

ବୈଠକ ରେ ଦଶ ଜଣ କାଉନସିଲର ଉପସ୍ଥିତ ରହି ବାଲିଗୁଡା ଏନଏସି ର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ସମ୍ପର୍କ ରେ ଆଲୋଚନା କରାଯାଇଥିଲା ।ଏହି ବୈଠକ ରେ ୧୩ ଟି ୱାର୍ଡ ର ରାସ୍ତା ଘାଟ, ଡ୍ରେନେଜ ସମସ୍ୟା, ସହର ପରିମଳ ବ୍ୟବସ୍ଥା ସୌନ୍ଦର୍ଯ୍ୟ କରଣ, ଆଲୋକିକରଣ ସମେତ ସହର ରେ ଥିବା ବିଭିନ୍ନ ସମସ୍ୟା ବିଷୟରେ ବିଷଦ ଆଲୋଚନା ହୋଇ ଥିଲା । ଏଥି ସହିତ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ନେଇ ଏହି ସ୍ୱତନ୍ତ୍ର କାଉନସିଲ ବୈଠକ ରେ ନିଷ୍ପତି ଗ୍ରହଣ କରାଯାଇ ଆଲୋଚନା ହୋଇଥିଲା ।ଏହି ବୈଠକ ରେ କାଉନସିଲର ସମେତ ସମସ୍ତ ଏନଏସି କର୍ମଚାରୀ ଉପସ୍ଥିତ ଥିଲେ ।

ପଞ୍ଚଦିବସୀୟ ରାଜ୍ୟସ୍ତରୀୟ ଆଚାର୍ଯ୍ୟ-ଆଚାର୍ଯ୍ୟା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ପୋଲସରା (ଅମୃତ ମିଡିଆ) ପୋଲସରା ପୌରପାଳିକା ୧୫ ନଂ. ୱାର୍ଡ଼ ସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟା ଭବନ ଠାରେ ଏକ ପଞ୍ଚ ଦିବସୀୟ ଆଚାର୍ଯ୍ୟ / ଆଚାର୍ଯ୍ୟା ପ୍ରଶିକ୍ଷଣ ବର୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ, ଓଡ଼ିଶା ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମର ପ୍ରଥମ ଦିବସ କାର୍ଯ୍ୟକ୍ରମକୁ ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ସାଧାରଣ ସମ୍ପାଦକ ରଞ୍ଜନ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଶୁଭଉଦ୍ ?ଘାଟନ କରିଥିବା ବେଳେ ମୁଖ୍ୟବକ୍ତା ଭାବେ ସମ୍ପାଦକ ପ୍ରକାଶ ଚନ୍ଦ୍ର ବିଷୋୟୀ ଯୋଗଦେଇଥିଲେ । ସେହିପରି ଉଦ୍ ?ଯାପନ ଶେଷ ଦିବସ କାର୍ଯ୍ୟକ୍ରମଟିକୁ ମହାମଣ୍ଡଳେଶ୍ୱର ମହନ୍ତ ବ୍ରହ୍ମପୁରର କମଳାକାନ୍ତ ଦାଶ ମହାରାଜ, ମୁଖ୍ୟ ଅତିଥିଭାବେ ଯୋଗଦେଇ ଶୁଭଉଦ୍ ?ଘାଟନ କରିଥିବା ବେଳେ ମୁଖ୍ୟବକ୍ତାଭାବେ ପ୍ରତିଷ୍ଠିତ ପିଏମ୍ ଶ୍ରୀ ଗୋପବନ୍ଧୁ ଉଚ୍ଚ ବିଦ୍ୟାଳୟ ପୋଲସରାର ଅବସରପ୍ରାପ୍ତ ଶିକ୍ଷକ ପ୍ରଭାକର ପ୍ରଧାନ (ବାପସାର) ଯୋଗଦେଇଥିଲେ ଏବଂ ସମ୍ମାନୀତ ଅତିଥିଭାବେ ଯୋଗ ପ୍ରମୁଖ ମୃତ୍ୟୁଞ୍ଜୟ ବିଷୋୟୀ, ଭକ୍ତ ଏସଏସବିଭିର ସାଧାରଣ

ସମ୍ପାଦକ ତଥା ଓକିଲ ଅଗସ୍ତି ବରାଡ, ପୋଲସରା ଅଞ୍ଚଳର ସୁନାମଧନ୍ୟ ଶିକ୍ଷାବିତ୍ ତଥା ବିଶିଷ୍ଟ ଭଂଜ ବିଷାରଦ, କବି, ବାଗ୍ମୀ ମୁରଲୀଧର ନନ୍ଦ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ ଦେବା ସହିତ ସମସ୍ତ ଗୁରୁମା, ଗୁରୁଜୀ ଏବଂ ଅନୁଷ୍ଠାନର ଶୁଭ ମଙ୍ଗଳ କାମନା କରିଥିଲେ। ଏଥିରେ ବିଭିନ୍ନ ଜିଲ୍ଲାରୁ ୧୫୦ ଜଣ ଆଚାର୍ଯ୍ୟ / ଆଚାର୍ଯ୍ୟାଗଣ ଯୋଗଦେଇଥିଲେ। କାର୍ଯ୍ୟକ୍ରମର ପ୍ରତ୍ୟେକ ଦିବସ ଗୁଡ଼ିକରେ ପ୍ରାତଃ ଯୋଗ, ପ୍ରାର୍ଥନା ପରେ ୩ଟି କାଳାଂଶରେ ଶିକ୍ଷା ଶାସ୍ତ୍ର, ଶିଶୁ ବାଟିକା , ଇଂରାଜୀ, ବିଜ୍ଞାନ, ଗଣିତ ଓ ମନୋବିଜ୍ଞାନ ଭଳି ବିଷୟ ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଦ୍ୱିତୀୟ ଦିବସରେ ପୋଲସରା ଅଞ୍ଚଳର ମଥୁରା ଶ୍ରୀ ଶ୍ରୀ ଜଗନ୍ନାଥସ୍ୱାମୀ ଗୋପୀନାଥ ମଠାଧିଶ ମହନ୍ତ ସୁନ୍ଦରରାମ ଦାସଜୀ ମହାରାଜ ପ୍ରବଚକ ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷକ ଭାବେ ଅତିଥି ମୁରଲୀଧର ନନ୍ଦ, ପ୍ରଭାକର ପ୍ରଧାନ, ଦିଗାମ୍ବର ହୋତା, ରବିନ୍ଦ୍ର ନାଥ ରଥ, ଶାନ୍ତନୁ କୁମାର ସ୍ୱାଇଁ, ବଳରାମ ସାହୁ ଓ ନାରାୟଣ ବେହେରା ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସମ୍ପୂର୍ଣ୍ଣ କାର୍ଯ୍ୟକ୍ରମଟି ଅନୁଷ୍ଠାନର ସମ୍ପାଦକ ଅଗସ୍ତି ବରାଡଙ୍କ ଅଧକ୍ଷତା ଏବଂ ପ୍ରଧାନ ଆଚାର୍ଯ୍ୟ ହରପ୍ରସାଦ ଆଚାର୍ଯ୍ୟଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନ ଏବଂ ପରିଚାଳନା କମିଟି ବୃନ୍ଦଙ୍କ ସହଯୋଗରେ ସମାପନ ହୋଇଥିଲା। ଶେଷରେ ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ସମସ୍ତ ଅତିଥିବୃନ୍ଦଙ୍କ ସମେତ ସମସ୍ତ ଆଚାର୍ଯ୍ୟ / ଆଚାର୍ଯ୍ୟା କମିଟିର ସମସ୍ତ ସଭ୍ୟ ସଭ୍ୟାବୃନ୍ଦ ଏବଂ ସହଯୋଗୀ ମାନଙ୍କୁ ଅନୁଷ୍ଠାନ ତରଫରୁ ଆନ୍ତରିକ ଧନ୍ୟବାଦ ଏବଂ କୃତଜ୍ଞତା ଜ୍ଞାପନ କରିଥିଲେ।

ଗୋଗେଇ ନାଳ ସେତୁର ଭିତ୍ତି ପ୍ରସ୍ତର ସ୍ଥାପନ

ଆସିକା (ଅମୃତ ମିଡିଆ): ଗଞ୍ଜାମ ଜିଲ୍ଲା ଆସିକା ନିର୍ବାଚନ ମଣ୍ଡଳୀ ବେଣାପାଟ ଗ୍ରାମରେ ଆଜି ବିଧାୟକ ସରୋଜ କୁମାର ପାଢୀଙ୍କ କରକମଳରେ ଗୋଗେଇ ନାଳ ସେତୁର ଭିତିପ୍ରସ୍ଥର ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଓଡିଶା ସରକାରଙ୍କ ଗ୍ରାମ୍ୟ ଉନ୍ନୟନ ବିଭାଗ ସେତୁ ବନ୍ଧ ଯୋଜନା ଆନୁକୂଲ୍ୟରେ ଖଣ୍ଡରାବଳି ଠାରୁ ବେଣାପାଟ ରାସ୍ତା ଗୋଗେଇ ନାଳ ସେତୁ ନିର୍ମାଣ କାର୍ଯ୍ୟ ଅନୁଷ୍ଠିତ ହେବ । ଏହା ପ୍ରାୟ ୩ କୋଟି ୯୨ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଅନୁଷ୍ଠିତ ହେବ । ଏହି ଅବସରରେ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ସଭାରେ ବିଧାୟକ ସରୋଜ କୁମାର ପାଢୀ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବସନ୍ତ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

କାଳବୈଶାଖୀ ଯୋଗୁଁ ରାସ୍ତା ଉପରେ ଗଛପଡ଼ି ଯାତାୟାତ ବାଧାପ୍ରାପ୍ତ

ଆନନ୍ଦପୁର (ଅମୃତ ମିଡିଆ): କାଳବୈଶାଖୀର ପ୍ରଭାବରେ ଆନନ୍ଦପୁର ପୌରାଞ୍ଚଳର ମାଳିସାହି ନିକଟରେ ଏକ ବଡ଼ ଗଛ ଉପୁଡ଼ି ପଡ଼ିବା ଫଳରେ କରଞ୍ଜିଆ

ଭଦ୍ରକ ରାସ୍ତାରେ କିଛି ସମୟ ପାଇଁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ପ୍ରବଳ ପବନ ଓ ବର୍ଷା ଯୋଗୁ ଗଛଟି ମୂଳରୁ ଉପୁଡ଼ି ରାସ୍ତା ଉପରେ ପଡ଼ିଯାଇଥିଲା। ଖବରପାଇ ଆନନ୍ଦପୁର ଅଗ୍ନିଶମ ବିଭାଗର କର୍ମଚାରୀମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଗଛକୁ କାଟି ରାସ୍ତାରୁ ହଟାଇଥିଲେ। ଫଳରେ କିଛି ସମୟ ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଏହି ସମୟରେ ୱାର୍ଡ ନଂ୭ର କାଉନ୍ସିଲର କୃଷ୍ଣ ରଣା ଘଟଣାସ୍ଥଳରେ ଉପସ୍ଥିତ ରହି ଉଦ୍ଧାର ଓ ରାସ୍ତା ସଫେଇ କାର୍ଯ୍ୟର ତଦାରଖ କରିଥିଲେ। ସ୍ଥାନୀୟ ଲୋକମାନେ ଅଗ୍ନିଶମ ବିଭାଗର ତ୍ୱରିତ ପଦକ୍ଷେପକୁ ପ୍ରଶଂସା କରିଛନ୍ତି।

ମହଙ୍ଗା ପଡ଼ିଲା ରସିକିଆ ଶିକ୍ଷକଙ୍କୁ ଦ୍ୱିତୀୟ ବିବାହ

ପ୍ରେମିକାର ଗର୍ଭ ନଷ୍ଟକରି ଜେଲ୍ ଗଲେ

ଫୁଲବାଣୀ (ଅମୃତ ମିଡିଆ): ଟିକାବାଲି ଥାନା ଅନ୍ତର୍ଗତ ଦାସାଗୁଡା ଗ୍ରାମର ବାଲି କହଁର ଙ୍କର ପୁଅ ଲଲାଟ କହଁର ଯେକି ବର୍ତ୍ତମାନ ଜି.ଉଦୟଗିରି ହାବାକ୍ ହାଇ ସ୍କୁଲ୍ ରେ ଶିକ୍ଷକ ଭାବେ କାର୍ଯ୍ୟରତ। ଶିକ୍ଷକ ଲଲାଟ ପ୍ରଥମେ ଗୋଟିଏ ଝିଅ କୁ ଭଲ ପାଇ ତାଙ୍କୁ ବିବାହ ର ମିଥ୍ୟା ପ୍ରତିଶ୍ରୁତି ଦେଇ ଗର୍ଭବତୀ କରି ପୁଣି ଅନ୍ୟତ୍ର ଆଉ ଏକ ଝିଅକୁ ଦ୍ୱିତୀୟ ବିବାହ କରିବାକୁ ସ୍ଥିର କରି ପ୍ରଥମ ପ୍ରେମିକା ଦ୍ୱିତୀୟ ବିବାହ ରେ ପ୍ରତିବନ୍ଧକ ହେବ ବୋଲି ପ୍ରଥମ ପ୍ରେମିକାର ଅନିଚ୍ଛା ସତ୍ତ୍ୱେ ଗର୍ଭ ନଷ୍ଟ କରିଥିବା ମାମଲା ରେ ଜେଲ୍ ଯାଇଥିବା ଜଣା ପଡିଛି ।ସୂଚନା ଯୋଗ୍ୟ ଜି.ଉଦୟଗିରି ହାବାକ୍ ହାଇସ୍କୁଲ୍ ଶିକ୍ଷକ ଲଲାଟ କହଁର ୫ ବର୍ଷ ହେଲା ଫୁଲବାଣୀ ସଦର ଥାନା ଅନ୍ତର୍ଗତ ନୁଆରୀ ପଦର ଗ୍ରାମର ଜଣେ ଝିଅକୁ ଭଲ ଭଲ

ପାଉଥିଲା। ବିବାହର ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖୁଥିଲା। ଝିଅଟି ଗର୍ଭବତୀ ହୋଇଛି ଜାଣି ଅନ୍ୟ ଏକ ଝିଅକୁ ବିବାହ କରିବାକୁ ଶିକ୍ଷକ ସ୍ଥିର କରିଥିଲା। ପ୍ରେମିକା ପ୍ରଥମ ଝିଅ ଦ୍ୱିତୀୟ ବିବାହ କରିବା ରେ ପ୍ରତିବନ୍ଧକ ହେବ ବୋଲି ଶିକ୍ଷକ ଲଲାଟ କହଁର ପ୍ରେମିକା କୁ ଔଷଧ ଖୁଆଇ ବେଆଇନ୍ ଭାବେ ଗର୍ଭ ନଷ୍ଟ କରାଇଥିଲେ ଏବଂ ଦ୍ୱିତୀୟ ବିବାହ କରିଥିଲେ। ଫଳରେ ନୁଆରି ପଦର ର ଝିଅ ପ୍ରଥମ ପ୍ରେମିକା ତାଙ୍କ ପ୍ରେମିକ ଶିକ୍ଷକ ଦ୍ୱିତୀୟ ବିବାହ କରିଥିବା ଜାଣି ପାରି ତା ୧୦/୬/୨୦୨୬ ରିଖ ବୁଧବାର ଦିନ ଫୁଲବାଣୀ ସଦର ଥାନା ରେ ଘଟଣା ସମ୍ପର୍କରେ ଏତେଲା ଦେଇଥିଲେ। ଏତେଲା କୁ ଭିତ୍ତି କରି ସଦର ଥାନା ପକ୍ଷରୁ ତଦନ୍ତ ଅଧିକାରୀ ଭାବେ ଏସ୍ ଆଇ ଲକ୍ଷ୍ମୀ ଖୁଣ୍ଟିଆ ଦାୟିତ୍ୱ ନେଇ କେସ ନଂ ୧୨୦/୨୬ ମିଥ୍ୟା ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିବା ଦଫା ୮୯ ଓ ୭୯ ଭାରତୀୟ ନ୍ୟାୟ ସଂହିତା ରେ ଏକ ମକଦ୍ଦମା ରୁଜୁ କରି ପୁଲିସ ଅଭିଯୁକ୍ତ ଶିକ୍ଷକ ଲଲାଟ କହଁର କୁ ଗିରଫ କରି କୋର୍ଟ ଚାଲାଣ କରିଛି। ମାନ୍ୟବର ବିଚାରପତି ଅଭିଯୁକ୍ତ ଶିକ୍ଷକ ଲଲାଟ କହଁର ଙ୍କର ଜାମିନ ନା ମଞ୍ଜୁର ହେବାରୁ ଫୁଲବାଣୀ ମଣ୍ଡଳ ଜେଲ୍ କୁ ପଠାଇ ଦେଇଥିବା ସଦର ଥାନା ଅଧିକାରୀ ପ୍ରଦୀପ କୁମାର ଜେନା ଗଣ ମାଧ୍ୟମ ସୂଚନା ଦେଇଛନ୍ତି ।

ବଜ୍ରପାତରେ ୨୦ ଛେଳି, ମେଣ୍ଢା ମୃତ

ପାତ୍ରପୁର (ଅମୃତ ମିଡିଆ): ଗଞ୍ଜାମ ଜିଲା ପାତ୍ରପୁର ବ୍ଲକ ଜିଲୁଣ୍ଡା ନିକଟସ୍ଥ ପାହାଡ ଅଞ୍ଚଳର ଏକ ଜମିରେ ଶୁକ୍ରବାର ବଜ୍ରପାତରେ ଗୋଟିଏ ଛେଳି ଓ ୧୯ ମେଣ୍ଢାଙ୍କ ମୃତ୍ୟୁ ହୋଇଛି। ଲଙ୍କା ଗ୍ରାମର ୫ ଜଣ ଲୋକ ଅପରାହ୍ନରେ ଜିଲୁଣ୍ଡା ପାହାଡ଼ ପାଦଦେଶରେ ଥିବା ବିଲକୁ ଛେଳି ଓ ମେଣ୍ଢାପଲ ଚରାଇବାକୁ ନେଇଥିଲେ। ଏହି ସମୟରେ ମେଘପବନ ଆସିବା ସହ ବଜ୍ରପାତ ଆରମ୍ଭ ହୋଇଯାଇଥିଲା। ବଜ୍ରପାତରେ ୨୦ ଛେଳିମେଣ୍ଢା ମରି ଯାଇଥିଲେ। ଲଙ୍କା ଗ୍ରାମର ଜି. ଗୋପୀନାଥଙ୍କ ଗୋଟିଏ ଛେଳି, ୪ ମେଣ୍ଢା, ଜି. କୁରେୟାଙ୍କ ୫ ମେଣ୍ଢା, ଡି. ଆରେୟାଙ୍କ ୫ ମେଣ୍ଢା, ଜି. ଲାଛମାୟାଙ୍କ ୪ ମେଣ୍ଢା ଓ ଜି. ଜନାର୍ଦ୍ଦନଙ୍କ

ଗୋଟିଏ ମେଣ୍ଢା ମରିଥିବା ଜଣାପଡିଛି। ଖବରପାଇ ଅତିରିକ୍ତ ପ୍ରାଣୀ ଚିକିତ୍ସକ ସସ୍ମିତା ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ଛେଳିମେଣ୍ଢାପାଳକ ମାନେ ଗରୀବ ଶ୍ରେଣୀର ହୋଇଥିବାରୁ ସରକାରୀ ସହାୟତା ଯୋଗାଇଦେବା ପାଇଁ ଦାବି ହେଉଛି।

ମୋହନାରେ କାଳବୈଶାଖୀର ତାଣ୍ଡବ

ମୋହନା (ଅମୃତ ମିଡିଆ): ଗଜପତି ଜିଲା ମୋହନା ଅଞ୍ଚଳରେ କାଳବୈଶାଖୀର ତାଣ୍ଡବ ଦେଖିବାକୁ ମିଳିଛି । ଏହାର ପ୍ରଭାବରେ ଗୋବିନ୍ଦପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ହୋଇଛି । ଗୋବିନ୍ଦପୁର ଓ ଖ୍ରୀଷ୍ଟପୁର୍ ଗାଁରେ ୬ ଜଣଙ୍କ ଘରର ଟିଣ ଛପର ଉଡିଯାଇଥିବା ବେଳେ ପୂତୁଲିପଙ୍କା ଗାଁରେ ମଧ ପ୍ରାୟ ୪ ପରିବାରର ଟିଣ ଛପର ଉଡିଯାଇଥିବା ଜଣାପଡ଼ିଛି । ସେହିପରି ଅଶୋକ ନାୟକଙ୍କ ଘର ଉପରେ ବିରାଟକାୟ ଗଛ ଉପୁଡ଼ି ଘର ଉପରେ ପଡ଼ିବାରୁ ବଡ଼ ଅଘଟଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି ତାଙ୍କ ପରିବାର । ଘର ଉପରେ ଗଛ ପଡି ଘରର କିଛି ଅଂଶ ଭାଙ୍ଗି ଯାଇଛି । ବିଭିନ୍ନ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ହୋଇଯାଇଛି । ଘଟଣାସ୍ଥଳରେ ଅଗ୍ନିଶମ ବାହିନୀ ପହଞ୍ଚି ଗଛ କଟା କାର୍ଯ୍ୟ ଜାରି ରଖିଛନ୍ତି ।

ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ରସୁଲପୁର ବ୍ଲକ୍ ଅନ୍ତର୍ଗତ ଜୟନ୍ତୀ ପାଠାଗାର ସହାୟତା ସଭା ଗୃହ ରେ ପ୍ରାଧିକରଣ ପକ୍ଷରୁ ବିଶ୍ୱ ଶିଶୁ ଶ୍ରମ ବିରୋଧ ଦିବସ ପାଳିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷତା କରି ପ୍ରାଧିକରଣ ସଚୀବ ତଥା ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ନେହା ଅଗ୍ରୱାଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଅତିଥି ଆଲୋଚକ ଭାବେ ସହକାରୀ ଜିଲ୍ଲାପାଳ ମିସ୍ ଆଦ୍ୟାଶା ରାଉତ, ଯାଜପୁର ଜିଲ୍ଲା ଅଗ୍ରଣୀ ବ୍ୟାଙ୍କ ଅଧିକାରୀ ରାଧାନାଥ ନାୟକ, ପୋଲିସ ଅପରାଧ ଶାଖା ଅଧିକାରୀ ସୌମ୍ୟରଂଜନ ନାଥ ଆଜି ଦିବସର ମହତ୍ୱ, ଶିଶୁ ରାଷ୍ଟ୍ର ଓ ପରିବାର ଭରସା ଓ ଭବିଷ୍ୟତ ସେମାନେ ବିପଦପୂର୍ଣ୍ଣ ସ୍ଥିତିରେ ବାଳ ଶ୍ରମିକ ଭାବେ କିପରି ଯନ୍ତ୍ରଣା ଭୋଗନକରିବେ ସେନେଇକି ପଦକ୍ଷେପ ନିଆଯିବା ଉଚିତ୍ ସହିତ ଶିଶୁ ଶ୍ରମ ଉଚ୍ଛେଦ ଆଇନ୍ ଅନୁଯାୟୀ ଶିଶୁ ଙ୍କୁ ଯତ୍ନ ଓ ସୁରକ୍ଷା ଯୋଗାଇ ଦିଆଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ସମ୍ବନ୍ଧରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମକୁ ପ୍ରାଧିକରଣ ପ୍ରାକ୍ତନ ସଦସ୍ୟ ଡ. ରୁଦ୍ରନାରାୟଣ ପୃଷ୍ଟି ସଞ୍ଚାଳନ କରିଥିଲେ। ପ୍ରାରମ୍ଭିକ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ ସନ୍ଧ୍ୟାରାଣୀ ସାହୁ ଓ ହେମଲତା ସେଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଶରତ ଚନ୍ଦ୍ର ରାଉତ। କର୍ଯ୍ୟକ୍ରମ ପରିଚାଳନା ରେ ପାଠାଗାର ସଭାପତି ସତ୍ୟ ସୁନ୍ଦର ସାହୁ ସମ୍ପାଦକ ସରୋଜିନୀ ସାହୁ ସଦସ୍ୟଗଣ ଓ ପ୍ରାଧିକରଣ କର୍ମଚାରୀମାନେ ସହଯୋଗ କରିଥିଲେ।

ଗାଦିଗୋସେଇଁ ପୀଠରେ ଜମିବ ରଜ ମହୋତ୍ସବ

ଆନନ୍ଦପୁର (ଅମୃତ ମିଡିଆ): ଆନନ୍ଦପୁର ପୌରପାରିଷଦ ୭ ନମ୍ବର ୱାର୍ଡ ଅନ୍ତର୍ଗତ ମଠବାଡିସ୍ଥିତ ଐତିହାସିକ ତଥା ପୁରାତନ ଗାଦିଗୋସେଇଁ ପୀଠରେ ଆଜିଠାରୁ ଓଡ଼ିଶାର ଗଣପର୍ବ ରଜ ମହୋତ୍ସବ ବେଶ୍ ଧୂମଧାମରେ ଆରମ୍ଭ ହେବାକୁ ଯାଉଛି। ଏହି ପାରମ୍ପରିକ ଗଣପର୍ବକୁ ଆନନ୍ଦ ଉଲ୍ଲାସର ସହ ପାଳନ କରିବା ପାଇଁ ଗାଦିଗୋସେଇଁ ରଜ କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ସମ୍ପୂର୍ଣ୍ଣ ହୋଇଥିବା ବେଳେ ସହରବାସୀ ଏବଂ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅଭୁତ ଉତ୍ସାହ ଦେଖିବାକୁ ମିଳିଛି। ଚାରି ଦିନ ଧରି ଚାଲିବାକୁ ଥିବା ଏହି ଭବ୍ୟ ମହୋତ୍ସବକୁ ଶୃଙ୍ଖଳିତ ଭାବେ ପରିଚାଳନା କରିବା ପାଇଁ କମିଟି ପକ୍ଷରୁ ସମସ୍ତ ସଦସ୍ୟଙ୍କ ମଧ୍ୟରେ ଦାୟିତ୍ୱ ଓ କାର୍ଯ୍ୟ ବଣ୍ଟନ କରାଯାଇ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଦୃଷ୍ଟି ଦିଆଯାଇଛି। ଚଳିତ ବର୍ଷ ମହୋତ୍ସବର ମୁଖ୍ୟ ଆକର୍ଷଣ ସାଜିଛି ଇଲେକ୍ଟ୍ରି ଦୋଳି, ନାଚ, ଗୀତ ସାଙ୍ଗକୁ ଓଡ଼ିଶାର ସୁଆଦିଆ ପୋଡ଼ପିଠା ଏବଂ ମିଠା ପଣାର ଭବ୍ୟ ଆୟୋଜନ। ଏଥିସହିତ ପୀଠ ପରିସରରେ ଦର୍ଶକଙ୍କ ପାଇଁ ଆକର୍ଷଣୀୟ ମିନା ବଜାର ସହ ବିଭିନ୍ନ ପ୍ରକାରର ସୁଆଦିଆ ଖାଦ୍ୟ ଷ୍ଟଲ। କୁମାରୀ ଝିଅ ଓ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ ବିଭିନ୍ନ ପ୍ରକାରର ସୁସଜ୍ଜିତ ଦୋଳିର ବ୍ୟବସ୍ଥା କରାଯାଇଛି ।

ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ

ଫୁଲବାଣୀ (ଅମୃତ ମିଡିଆ): ରାଜ୍ୟ ସରକାରଙ୍କର ଦୁଇବର୍ଷ ପୂର୍ତ୍ତି ଅବସରରେ ଭୁବନେଶ୍ୱରଠାରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର ଶୁଭାରମ୍ଭ ଅବସରରେ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀ ଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପଞ୍ଚାୟତ ଭବନ ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ କନ୍ଧମାଳ ଜିଲାପାଳ ଶ୍ରୀ ବେଦଭୂଷଣ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ପ୍ରଶିକ୍ଷଣରତ ଆଇ.ଏ.ଏସ୍ ଯଶକରଣ ସିଂ , ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ , ରାଜ୍ୟ ବିଜେପି ସଂପାଦକ ଭଗବାନ ମହାନ୍ତି, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଓ ଜିଲ୍ଲା ଯୋଗାଣ ଅଧିକାରୀ ସୁଗୁଡ଼ା ମୁର୍ମୁ ପ୍ରମୁଖ ଯୋଗଦେଇଥିଲେ । ମୁଖ୍ୟଅତିଥି ଓ ଅନ୍ୟ ସମସ୍ତ ଅତିଥିମାନେ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ଅତିଥି ମାନଙ୍କୁ

ଫୁଲତୋଡ଼ା ଏବଂ ଉତ୍ତରୀୟ ଦେଇ ସ୍ୱାଗତ କରାଯାଇଥିଲା । ଏହି ଅବସରରେ ରାଜ୍ୟ ସ୍ତରୀୟ ଶୁଭାରମ୍ଭ କାର୍ଯ୍ୟକ୍ରମର ସିଧା ପ୍ରଶାରଣକୁ ସମସ୍ତେ ଦେଖିବା ସହିତ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ମନ୍ତ୍ରୀ ମାନଙ୍କର ଉଦ୍ ?ବୋଧନକୁ ଉପସ୍ଥିତ ଶହ ଶହ ହିତାଧିକାରୀ ଶୁଣିଥିଲେ । ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ ଶୁଭାରମ୍ଭ ପରେ ଆୟୋଜିତ ଜିଲ୍ଲା ସ୍ତୀରୀୟ କାର୍ଯ୍ୟକ୍ରମରେ ଜିଲ୍ଲା ଯୋଗାଣ ଅଧିକାରୀ ସମ୍ୟକ୍ ସୂଚନା ପ୍ରଦାନ କରଥିବା ବେଳେ ଏହି ଯୋଜନରେ ପୂର୍ବରୁ ଯେଉଁ ହିତାଧିକାରୀ ମାନେ ୫ କେଜି ଚାଉଳ ପାଉଥିଲେ ବର୍ତମାନ ସେମାନେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫ କେଜି ଚାଉଳ ମିଶାଇ ମାସକୁ ୧୦ କେଜି ଲେଖାଏଁ ଚାଉଳ ପାଇବେ ବୋଲି ପ୍ରକାଶ କରିଥିଲେ । କନ୍ଧମାଳ ଜିଲ୍ଲାର ୧ ଲକ୍ଷ ୮୬ ହଜାର ୫୦୮ ଜଣ ହିତାଧିକାରୀ ଏହି ଯୋଜନାରେ ସାମିଲ୍ ହୋଇଥିବା ବେଳେ ବାଲିଗୁଡ଼ା ବ୍ଲକରେ ୧୮,୨୨୫ ଜଣ , ଚକାପାଦ ବ୍ଲକରେ ୧୩,୮୪୦ ଜଣ , ଦାରିଙ୍ଗବାଡ଼ି ବ୍ଲକରେ ୨୯,୬୩୨ ଜଣ , ଜି.ଉଦୟଗିରି ବ୍ଲକରେ ୭୮୪୬ ଜଣ , ଜି,ଉଦୟଗିରି ଏନ୍.ଏ.ସିରେ ୧୬୯୯ ଜଣ , କେ,ନୂଆଗାଁ ବ୍ଲକରେ ୧୩,୬୫୪ ଜଣ , ଖଜୁରିପଡ଼ା ବ୍ଲକରେ ୧୩,୪୫୨ ଜଣ , କୋଟଗଡ଼ ବ୍ଲକରେ ୧୪, ୮୩୯ଜଣ , ଫିରିଙ୍ଗିଆ ବ୍ଲକରେ ୨୦ , ୬୩୬ ଜଣ , ଫୁଲବାଣୀ ବ୍ଲକର ୯୮୮୧ ଜଣ ଓ ଫୁଲବାଣୀ ପୌର ପରିଷଦରେ ୪୩୮୧ ଜଣ , ରାଇକିଆ ବ୍ଲକରେ ୧୩,୯୨୦ଜଣ , ଟିକାବାଲି ବ୍ଲକରେ ୧୧,୪୮୪ ଜଣ ଏବଂ ତୁମୁଡ଼ିବନ୍ଧ ବ୍ଲକରେ ୧୩.୦୧୯ଜଣ ହିତାଧିକାରୀ ଏଥିରେ ସାମିଲ୍ ହୋଇଥିବାର ଦର୍ଶାଯାଇଛି । ଶୁକ୍ରବାର ପ୍ରାରମ୍ଭରେ ପୌର ପରିଷଦର ଏକାଧିକ ହିତାଧିକାରୀଙ୍କୁ ଅତିଥିମାନେ କାର୍ଡ଼ ବଂଟନ କରିଥିଲେ । ଏହି ଅବସରରେ ମଧ ଅଙ୍ଗନୱାର୍ଡ଼ୀ କର୍ମୀ ମାନଙ୍କୁ ଅତିଥିମାନେ ସ୍ମାର୍ଟ ଫୋନ୍ ପ୍ରଦାନ କରିଥିଲେ । ଅତିରିକ୍ତ ଯୋଗାଣ ଅଧିକାରୀ ପି.ଭାର୍ଗବୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମ ପରିଚାଳନାରେ ଏ.ଏସ୍.ସି.ଓ ମାୟାଧର ସାହୁ , ଥାଣ୍ଡୁରାମ ନାୟକ , ମନୋରଂଜନ ମହାପାତ୍ର ଏବଂ ସୁନିତ୍ ଦଳବେହେରାଙ୍କ ସମେତ ଯୋଗାଣ ବିଭାଗର ସମସ୍ତ କର୍ମଚାରୀ ମାନେ ପରିଚାଳନାରେ ସହଯୋଗ କରିଥିଲେ ।